# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**5 November - 2024**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ସୁଲଭ ମୂଲ୍ୟରେ ଖାଉଟିଙ୍କୁ ଚାଉଳ ଏବଂ ଅଟା ଯୋଗାଇ ପାଇଁ ଭାରତ ବ୍ରାଣ୍ଡର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ

- ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକୀକୁ ଜାତୀୟ ଉତ୍ସବ ଭାବେ ପାଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

- ସେବା ନିବୃତ୍ତ ସମୟରେ ପେନସନ୍ କାଗଜପତ୍ରରେ ଝିଅମାନଙ୍କ ନାମ ଉଲ୍ଲେଖ ପାଇଁ ପେନସନ୍‌ଭୋଗୀ କଲ୍ୟାଣ ବିଭାଗର ନିଷ୍ପତ୍ତି

ଏବଂ

- ୯୮ ପ୍ରତିଶତରୁ ଅଧିକ ୨ ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିଥିବା ନେଇ ରିଜର୍ଭ ବ୍ୟାଙ୍କର ସୂଚନା

***Desk***

## ଦ୍ୱିତୀୟ ପର୍ଯ୍ୟାୟ ଭାରତ ଅଟା

ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ମୂଲ୍ୟ ସ୍ଥିର ରଖିବା ସହିତ କୃଷକମାନଙ୍କୁ ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି । ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଜି ନୂଆଦିଲ୍ଲୀରେ ଭାରତ ବ୍ରାଣ୍ଡ୍‌ର ଚାଉଳ ଏବଂ ଅଟାର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିଛନ୍ତି । ଭାରତ ବ୍ରାଣ୍ଡ୍ ଅଟା କିଲୋଗ୍ରାମ୍ ପିଛା ୩୦ ଟଙ୍କା ଏବଂ ଭାରତ ବ୍ରାଣ୍ଡ୍ ଚାଉଳ କିଲୋଗ୍ରାମ୍ ପିଛା ୩୪ ଟଙ୍କାରେ ଉପଲବ୍ଧ ହେଉଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଯୋଶୀ ଗଣମାଧ୍ୟମକୁ କହିଛନ୍ତି, ଭାରତ ବ୍ରାଣ୍ଡର ଅଟା ଏବଂ ଚାଉଳ ବିକ୍ରି ଫଳରେ ବଜାରରେ ସୁଲଭ ମୂଲ୍ୟରେ ଯୋଗାଣ ବୃଦ୍ଧି ପାଇବ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ସାମଗ୍ରୀ ଗୁଡ଼ିକର ମୂଲ୍ୟ ହ୍ରାସ କରିବାରେ ସହାୟକ ହେବ। ଭାରତ ବ୍ରାଣ୍ଡ୍ ର ଉତ୍ପାଦ କେନ୍ଦ୍ରୀୟ ଭଣ୍ଡାର, ନାଫେଡ୍ ଏବଂ NFCCF ଷ୍ଟୋର୍‌ରୁ କିଣାଯାଇ ପାରିବ ।

***BBSR/R***

## ହରେକୃଷ୍ଣ ମହତାବ ଜୟନ୍ତୀ

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀକୁ ଜାତୀୟ ଉତ୍ସବ ଭାବେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ’ ଖୁସିବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଓଡ଼ିଶାର କିମ୍ବଦନ୍ତୀ ରାଷ୍ଟ୍ରବାଦୀ ନେତାଙ୍କୁ ଏହା ମହାନ ଶ୍ରଦ୍ଧାଞ୍ଜଳି। ସୂଚନାଯୋଗ୍ୟ, ରାଜ୍ୟ ସରକାର ଡକ୍ଟର ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀକୁ ବର୍ଷବ୍ୟାପୀ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୧ ତାରିଖରୁ ୩ ଦିନ ଧରି ଭୁବନେଶ୍ୱରରେ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବାକୁ ଥିବାବେଳେ ଆସନ୍ତା ଏକ ବର୍ଷ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

***Desk***

# ଶାହା-ହିନ୍ଦୀ ସମିତି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଭାରତ ହେଉଛି ଏକ ମାତ୍ର ଦେଶ ଯେଉଁଠି ୧୧ଟି ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରାଯାଇଛି । ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ରୀୟ ହିନ୍ଦୀ ସମିତିର ୩୨ତମ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା କହିଛନ୍ତି, ହିନ୍ଦୀକୁ ସୁଦୃଢ଼ କରିବା ଲାଗି ଦୁଇଟି ପ୍ରମୁଖ ପଦକ୍ଷେପର ଆବଶ୍ୟକତା ରହିଛି । ହିନ୍ଦୀ ସାହିତ୍ୟକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ ଦେବା ତଥା ସମସ୍ତ ଆଧୁନିକ ପାଠ୍ୟକ୍ରମକୁ ହିନ୍ଦୀ ଓ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଇବା ଜରୁରୀ ବୋଲି ଶ୍ରୀ ଶାହା କହିଛନ୍ତି । ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ

ଜଗତ ପ୍ରସାଦ ନଡ୍ଡା, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ସଂସଦୀୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଉପସ୍ଥିତ ଥିଲେ ।

***BBSR/R***

## ତୁହିନପାଣ୍ଡେ-ଅତିରିକ୍ତ ଦାୟିତ୍ୱ

ଓଡ଼ିଶା କ୍ୟାଡର ଆଇ.ଏ.ଏସ୍ ତଥା ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ ଆସେଟ୍ ମ୍ୟାନେଜମେଣ୍ଟ (ଡି.ଆଇ.ପି.ଏ.ଏମ୍) ସଚିବ ତୁହିନକାନ୍ତ ପାଣ୍ଡେଙ୍କୁ କେନ୍ଦ୍ର ସରକାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଶ୍ରୀ ପାଣ୍ଡେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ୧୯୮୭ ବ୍ୟାଚ୍‌ର ଏହି ଅଧିକାରୀ ବର୍ତ୍ତମାନ ନିବେଶ ଓ ସାର୍ବଜନୀନ ପରିସମ୍ପତ୍ତି ପ୍ରବନ୍ଧନ ବିଭାଗର ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି।

***Desk***

## ଝିଅ-ପେନସନ୍

ସରକାରୀ କର୍ମଚାରୀଙ୍କର ସେବା ନିବୃତ ସମୟରେ ପରିବାର ସମ୍ପର୍କିତ ସୂଚନା ସଂଗ୍ରହ କରାଯିବା ବେଳେ ଝିଅମାନଙ୍କର ନାମକୁ କାଗଜପତ୍ରରେ ସାମିଲ କରିବା ପାଇଁ ପେନସନ୍ ଓ ପେନସନ୍‌ଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ସରକାରୀ କର୍ମଚାରୀଙ୍କ ଫ୍ୟାମିଲି ପେନସନ୍ ପାଇଁ ଯୋଗ୍ୟ ପରିବାର ସଦସ୍ୟମାନଙ୍କ ତାଲିକାରୁ ଝିଅମାନଙ୍କ

ନାମକୁ ବାଦ ଦିଆଯାଇପାରିବ ନାହିଁ। ଜଣେ ଝିଅ ବିବାହ କରିବା, ପୁନଃ ବିବାହ କରିବା କିମ୍ବା ଚାକିରି  ନ ପାଇବା ପର୍ଯ୍ୟନ୍ତ ଫ୍ୟାମିଲି ପେନସନ୍ ପାଇବାକୁ ଯୋଗ୍ୟ। ଏହାଛଡ଼ା ୨୫ ବର୍ଷରୁ ଅଧିକ ବୟସର ବିବାହ ବିଚ୍ଛେଦ ହୋଇଥିବା ଝିଅ ମଧ୍ୟ ଫ୍ୟାମିଲି ପେନସନ୍ ପାଇପାରିବେ।

***Desk***

## ଆମେରିକା ରାଷ୍ଟ୍ରପତି– ଭେଟ୍ ଗ୍ରହଣ

ଆମେରିକାରେ ଅନୁଷ୍ଠିତ ହେଉଥିବା ରାଷ୍ଟ୍ରପତି ନିର୍ବାଚନରେ ନ୍ୟୁୟର୍କ ସିଟି ଏହାର ଭୋଟରମାନଙ୍କୁ ଇଂଲିଶ, ଚାଇନିଜ୍, ସ୍ପାନିଶ, କୋରିଆନ୍ ସମେତ ବଙ୍ଗଳା ଭାଷାରେ  ବାଲାଟ ପ୍ରଦାନ କରିଛି। ବାଲାଟ୍ ପେପରରେ ବଙ୍ଗଳା ଏକମାତ୍ର ଭାରତୀୟ ଭାଷା ରହିଥିବାରୁ ସେଠାରେ ରହିଥିବା ବଙ୍ଗଳା ଭୋଟରମାନଙ୍କୁ ମତଦାନରେ ସହାୟକ ହୋଇପାରିବ। ନ୍ୟୁୟର୍କରେ ୨୦୦ରୁ ଊର୍ଦ୍ଧ୍ୱ ଭାଷା ବ୍ୟବହୃତ ହେଉଥିବା ବେଳେ ବାଲାଟ୍ ପେପର୍‌ରେ ଇଂରାଜୀକୁ ବାଦ୍ ଦେଇ ଆଉମାତ୍ର ୪ଟି ଭାଷା ରହିଛି।

***Desk***

## ୨ ହଜାର ଟଙ୍କିଆ ନୋଟ୍ ଫେରସ୍ତ

ଭାରତୀୟ ରିଜର୍ଭ ବ୍ୟାଙ୍କର ସୂଚନା ଅନୁସାରେ ୯୮ ପ୍ରତିଶତରୁ ଅଧିକ ୨ ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିଛି। ୨୦୧୬ ମସିହା ନଭେମ୍ବର ମାସରେ ଘୋଷଣା କରାଯାଇଥିବା ବିମୁଦ୍ରିକରଣ ପରବର୍ତ୍ତୀ ସମୟରେ ପ୍ରଥମଥର ପାଇଁ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନକୁ ପ୍ରତ୍ୟାହାର କରାଯାଇଛି। ସୂଚନା ଅନୁସାରେ, ୨୦୨୩ ମସିହା ମଇ ମାସ

୧୯ ତାରିଖରେ ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର କରିବା ନେଇ କେନ୍ଦ୍ର ସରକାର ଘୋଷଣା କରିଥିଲେ। ସେହି ସମୟରେ ୩ ଲକ୍ଷ ୫୬ ହଜାର କୋଟି ଟଙ୍କାର ୨ ହଜାର ଟଙ୍କିଆ ନୋଟ୍ ବଜାରରେ ପ୍ରଚଳନ ଥିଲା। ଗତ ମାସ ଶେଷ ସୁଦ୍ଧା ୯୮ ଦଶମିକ ଶୂନ/୪ ପ୍ରତିଶତ ୨ ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିଛି। ରିଜର୍ଭ ବ୍ୟାଙ୍କର ସୂଚନା ଅନୁସାରେ, ଆଉ ୬ ହଜାର ୯୭୦ କୋଟି ଟଙ୍କାର ୨ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିବା ପାଇଁ ଅପେକ୍ଷାରେ ଅଛି।

***Desk***

## ଭୋଟର ତାଲିକା ସଂଶୋଧନ

କଟକ ଜିଲ୍ଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୨୫ ଆରମ୍ଭ ହୋଇଛି। ଏହା ଆସନ୍ତା ୨୮ ତାରିଖରେ ଶେଷ ହେବ। ନିଜ ଅଞ୍ଚଳର ବୁଥ୍ କିମ୍ବା ଅନଲାଇନ୍ ମାଧ୍ୟମରେ ଭୋଟରମାନେ ନୂତନ ଭୋଟର ପଞ୍ଜୀକରଣ କରାଇବା ସହ ଯେଉଁମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଛି ସେମାନେ ପୁନର୍ବାର ତାଲିକାରେ ନାମ ଯୋଡ଼ିପାରିବେ। ଏଥିସହ ତ୍ରୁଟିପୂର୍ଣ୍ଣ ଭୋଟର ପରିଚୟପତ୍ର ଗୁଡ଼ିକର ମଧ୍ୟ ପରିବର୍ତ୍ତନ କରାଯାଇପାରିବ। ବର୍ତ୍ତମାନ ଜିଲ୍ଲାରେ ମୋଟ୍ ୨୧ ଲକ୍ଷ ୨୮ ହଜାରରୁ ଅଧିକ ଭୋଟର ଥିବାବେଳେ ୧ ଲକ୍ଷରୁ ଅଧିକ ନୂତନ ଭୋଟର ଅଛନ୍ତି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

*Desk*

## ବେଆଇନ କୋଠା ନିର୍ମାଣ

ପୁରୀ ସମୁଦ୍ରକୂଳ ନିକଟ ସିପ ସରୁବାଲି ମୌଜାରେ ବେଆଇନଭାବେ ନିର୍ମାଣ କରାଯାଇଥିବା ୩୦ଟି ବ୍ୟବସାୟିକ ଅଟ୍ଟାଳିକା ବନ୍ଦ କରାଯିବା ପାଇଁ ନୋଟିସ ଜାରି କରାଯାଇଛି। ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଗୃହ ନିର୍ମାଣ ଅନୁମତି ବିନା ନିର୍ମାଣ କରାଯାଇଥିବା ଏହି କୋଠା ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ୭ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ରଠାରୁ ୫୦୦ ମିଟର ମଧ୍ୟରେ ଏହି କୋଠାଗୁଡ଼ିକୁ ନିର୍ମାଣ କରାଯାଇଥିବା ବେଳେ ଓଡ଼ିଶା ଉପକୂଳବର୍ତ୍ତୀ ପରିଚାଳନା ପ୍ରାଧିକରଣଠାରୁ ଏହି ନିର୍ମାଣ ପାଇଁ ସି.ଆର୍.ଜେଡ୍ ଅନୁମୋଦନ ମିଳିନାହିଁ।

*HS*

## ମେଘନାଦ ପାଚେରୀ ମରାମତି

ପୁରୀ ଶ୍ରୀମନ୍ଦିରର ମେଘନାଦ ପାଚେରୀ ଫାଟର ମରାମତି ପ୍ରକ୍ରିୟା ଆରମ୍ଭ ଆରମ୍ଭ ହୋଇଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପାଚେରୀରେ ଥିବା ଫାଟ ପୁରୁଣା, ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାରର ଉଚ୍ଛେଦ ସମୟରେ ଏହା ସୃଷ୍ଟି ହୋଇଛି । ଫାଟ ସମ୍ପର୍କରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖା ହୋଇଥିଲା। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଫାଟ ଗୁଡ଼ିକର ମରାମତି କରାଯିବା ପାଇଁ ଯୋଜନା ପ୍ରସ୍ତୁତ

କରାଯାଇଛି । ଖୁବ୍ ଶୀଘ୍ର ମରାମତି କାର୍ଯ୍ୟ ଶେଷ ହେବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

*Desk*

## ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ

ନୂଆଦିଲ୍ଲୀରେ ଆୟୋଜିତ ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ– ଆଇ.ଡି.ଏସ୍.ପି. ର ୨୦ ବର୍ଷିୟା ସ୍ମାରକୀ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ନିରୀକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ନିରୀକ୍ଷଣ ବିଭାଗକୁ ସମ୍ବର୍ଦ୍ଧିତ କରାଯାଇଛି । ରାଜ୍ୟରେ ବିପର୍ଯ୍ୟୟ, ବନ୍ୟା, ବାତ୍ୟା ସମୟରେ ଏହି ୟୁନିଟ୍ ୨୪ ଘଣ୍ଟିଆ କାର୍ଯ୍ୟକରି ବିଭିନ୍ନ ରୋଗକୁ ସଠିକ୍ ସମୟରେ ଚିହ୍ନଟ କରିବା ସହ ସେଗୁଡ଼ିକର ମୁକାବିଲା ସୁନିଶ୍ଚିତ କରିଥାଏ । ଏହି ୟୁନିଟ୍ ରୋଗ ଉପରେ ନଜର ରଖିବା ସହ ପ୍ରାପ୍ତ ତଥ୍ୟର ବିଶ୍ଳେଷଣ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛି ।

*Desk*

## ବୃତ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ

କନିଷ୍ଠ ସହାୟକଙ୍କ ବୃତ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆରମ୍ଭ ହୋଇଛି । ମହିଳା ଓ ଶିଶୁ ବିକାଶର ପ୍ରମୁଖ ସଚିବ ଶୁଭା ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ଭଦ୍ରକ, ବୌଦ୍ଧ ଓ କଟକ ଜିଲ୍ଲାର ୪୦ ଜଣଙ୍କୁ ତାଲିମ ପ୍ରଦାନ କରାଯିବ । ସେହିପରି ୪ଟି ପର୍ଯ୍ୟାୟରେ ମୋଟ୍ ୧୬୭

ଜଣଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଆକାଉଣ୍ଟିଂ, ପ୍ରଶାସନିକ କାର୍ଯ୍ୟ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।

***Desk***

## ସୁନାମୀ ସଚେତନତା ଦିବସ

ସୁନାମୀ ସମ୍ପର୍କରେ ସଚେତନତା ବୃଦ୍ଧି ଓ ଏହାର ପ୍ରକୋପରୁ ଲୋକଙ୍କ ଜୀବନ ରକ୍ଷା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଆଜିର ଦିନକୁ ବିଶ୍ୱ ସୁନାମୀ ସଚେତନତା ଦିବସ ଭାବେ ପାଳନ କରାଯାଉଛି। ମିଳିତ ଜାତିସଂଘର ସାଧାରଣ ସଭାରେ ଏହି ବିଷୟ ପାରିତ ହେବା ପରେ ୨୦୧୬ ମସିହା ନଭେମ୍ବର ୫ ତାରିଖକୁ ପ୍ରଥମଥର ପାଇଁ ବିଶ୍ୱ ସୁନାମୀ ଦିବସ ପାଳନ କରାଯାଉଛି। ସମସ୍ତ ଦେଶକୁ ଏହି ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଧନଜୀବନ ରକ୍ଷା ପାଇଁ ମିଳିତ ଜାତିସଂଘ ଆହ୍ୱାନ ଦେଇଛି।